## ସଂକ୍ଷେପରେ

### 'ଡାକ୍ତରଙ୍କ ଡେପୁଟେଶନ ଯୋଗୁ ରୋଗୀ ସେବା ବ୍ୟାହତ ହେବ'

ତାଳଚେର, ୧୪।୧୦ (ମନୋଜ ନନ୍ଦ)

ଅନୁଗୋଳ ଜିଲାର ବିଭିନ୍ନ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ୧୦ ଜଣ ଡାକ୍ତରଙ୍କୁ ରାଜ୍ୟ ସରକାର ଜିଲା ପ୍ରଶାସନ ମାଧ୍ୟମରେ ଡେପୁଟେଶନରେ ଆଣି ତାଳଚେର ମେଡିକାଲ କଲେଜରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି କାର୍ଯ୍ୟକୁ ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲ ସମାଲୋଚନା କରିଛନ୍ତି। ଜିଲାରେ ସମସ୍ତ ସରକାରୀ ଡାକ୍ତରଖାନାରେ ଖାଲିଥିବା ଡାକ୍ତର ପଦବୀ ପୂରଣ କରିବା ପରିବର୍ତ୍ତେ ସେଠାରୁ ତାଳଚେର ମେଡିକାଲ କଲେଜକୁ ଡେପୁଟଶନରେ ଆଣିଲେ ଜିଲାରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେବ ବୋଲି ସାମଲ କହିଛନ୍ତି। ତାଳଚେର ମେଡିକାଲ କଲେଜ କ୍ୟାମ୍ପସ, ହସ୍ପିଟାଲ, ଏବଂ ପରିଚାଳନା ପାଇଁ ସମସ୍ତ ଅର୍ଥ ଏମ୍‌ସିଏଲ ପକ୍ଷରୁ ଯୋଗାଇ ଦିଆଯାଉଥିବାରୁ ସରକାର ଅନ୍ୟସ୍ଥାନରୁ ଅଭିଜ୍ଞ ଡାକ୍ତରମାନଙ୍କୁ ଆଣି ଏଠାରେ ନିଯୁକ୍ତି ଦେବା ସହ ଜିଲାର ସମସ୍ତ ସରକାରୀ ଡାକ୍ତରଖାନାକୁ ଆବଶ୍ୟକ ସଂଖ୍ୟକ ଡାକ୍ତର ଯୋଗାଇ ଦେବାକୁ ସାମଲ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ମୃତ୍ୟୁ ହେଲେ କୋଟିଏ ଟଙ୍କା ମିଳୁ

- ୧୬ରୁ ସାମାଜିକ ସୁରକ୍ଷା ମଞ୍ଚର ଗଣଧାରଣା
- ଜିଲା କାର୍ଯ୍ୟାଳୟ ସମ୍ମୁଖରେ ହେବ ଆନ୍ଦୋଳନ
- ବନ୍ତଳା ଅଞ୍ଚଳକୁ ହାତୀମୁକ୍ତ କରାଯିବାକୁ ଦାବି


ଖବରଦାତା ସମ୍ମିଳନୀରେ ସାମାଜିକ ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ।

ଅନୁଗୋଳ, ୧୪।୧୦ (ଅମିତ କୁମାର ସାମଲ)

ବନ୍ତଳା ଅଞ୍ଚଳରୁ ହାତୀ ହଟାଇବା ଦାବିରେ ଅନୁଗୋଳ ବ୍ଲକ ବନ୍ତଳା ଅଞ୍ଚଳର ସାମାଜିକ ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ୧୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦିନ ଧରି ଗଣ ଆନ୍ଦୋଳନ କରାଯିବ। ୧୨୮ଟି ଗାଁ ମୁଖିଆଙ୍କୁ ନେଇ ଗଢ଼ାଯାଇଥିବା ସୁରକ୍ଷା ମଞ୍ଚ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ସଭାପତି ପଣ୍ଡିତ ମହେଶ ସାହୁ ଶନିବାର ମାରୱାଡି ଧର୍ମଶାଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ମଞ୍ଚ ସଭାପତି ସାହୁ କହିଛନ୍ତି, ବନ୍ତଳା ଅଞ୍ଚଳରେ ବଢୁଥିବା ହାତୀ ଉପଦ୍ରବ ଉଦ୍‌ବେଗର କାରଣ ହୋଇଛି। ହାତୀ ଜନିତ ସମସ୍ୟା ଯୋଗୁ ଏଠାକାର ଲୋକଙ୍କ ଜୀବନ ଜୀବିକା ଏକ ପ୍ରକାରର ବିପନ୍ନ ହୋଇପଡ଼ିଛି। ସନ୍ଧ୍ୟା ହେଲେ ଲୋକେ ତାଟି କବାଟ କିଲୁଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଚଷା ପୁଅ ମଧ୍ୟ କ୍ଷେତକୁ ଯିବାକୁ ଭୟ କରୁଛି। ବନ୍ତଳା ଅଞ୍ଚଳବାସୀ ସାଧାରଣତଃ କୃଷି ଉପରେ ନିର୍ଭର କରୁଥିବାରୁ ହାତୀ ପାଇଁ ଏବେ ଫସଲ ସବୁ ଉଜୁଡ଼ିବାରେ ଲାଗିଛି। ପୂର୍ବରୁ ହାତୀ ଉପଦ୍ରବ କେବଳ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ସୀମିତ ରହୁଥିଲା। ହେଲେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ଜନବସତି ଭିତରେ ହାତୀ ପଶି ଫସଲ ନଷ୍ଟ କରିବା ସହ ଘରୁ ଲୋକଙ୍କୁ ଟାଣିଆଣି ଜୀବନ ନେଉଛି। ପ୍ରାୟ ଏକ ବର୍ଷ ଭିତରେ ଅନୁଗୋଳ ବ୍ଲକରେ ୩୦ରୁ ଊର୍ଦ୍ଧ୍ୱ ଜୀବନ ନେଇ ସାରିଲାଣି। କିନ୍ତୁ ଦୁଃଖର କଥା ଏଯାବତ୍ ଜଙ୍ଗଲ ବିଭାଗ କୌଣସି ସ୍ଥାୟୀ ସମାଧାନ ନ କରି କେବଳ ହାତୀ ଘଉଡ଼ାବା କାର୍ଯ୍ୟ କରୁଛି। ଯେଉଁଥିପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ମଞ୍ଚ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ଲିଖିତ ଭାବେ ନିବେଦନ କରାଯିବାପରେ ମଧ୍ୟ କିଛି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଆସନ୍ତା ୧୬ ତାରିଖ ଠାରୁ ଗଣତାନ୍ତ୍ରିକ ପଦ୍ଧତିରେ ଗଣଧାରଣା ଦେବା ପାଇଁ ମଞ୍ଚ ନିଷ୍ପତ୍ତି ନେଇଛି। ହାତୀଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ହାତୀ ଦ୍ୱାରା ପ୍ରାଣହାନୀ ଘଟିଲେ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ ଓ ଅଞ୍ଚଳକୁ ସମ୍ପୂର୍ଣ୍ଣ ହାତୀମୁକ୍ତ ନ କରାଯିବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଜାରି ରହିବ ବୋଲି ମଞ୍ଚ ସଭାପତି ସାହୁ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ସମାଜର ସବୁବର୍ଗର ବ୍ୟକ୍ତିବିଶେଷ ଯୋଡ଼ି ହେବା ପାଇଁ ସାହୁ ନିବେଦନ କରିଛନ୍ତି। ସଭାପତି ପଣ୍ଡିତଙ୍କ ସହ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ତପନ କୁମାର ଦେହୁରୀ, ସଂଯୋଜକ ଲକ୍ଷ୍ମଣ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଦୁର୍ଗାଚରଣ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ପ୍ରସନ୍ନ ନାଏକ, ସୁଶାନ୍ତ ପ୍ରଧାନ, ଶିବରାମ ଦେହୁରୀ, ସଞ୍ଜୟ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମାଲ୍ୟାର୍ପଣ, ଜୀବନୀ ଉପରେ ଆଲୋକପାତ

ତାଳଚେର, ୧୪।୧୦ (ମନୋଜ ନନ୍ଦ)

ତାଳଚେରରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପିଏସ୍‌ୟୁ ସଭାପତି ଦେବୀ ମିଶ୍ରଙ୍କ ନେତୃତ୍ୱରେ ତାଳଚେର ଟାଉନ ହଲ୍ ନିକଟସ୍ଥ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସହରର ବିଭିନ୍ନ ବର୍ଗର ବ୍ୟକ୍ତି ଏକତ୍ରିତ ହୋଇ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ବକ୍ତାମାନେ ଗୋପବନ୍ଧୁଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ତଥା ବିଜେଡି ଜିଲା କୋଷାଧ୍ୟକ୍ଷ ବାନାମ୍ବର ଭୂତିଆ, ପୂର୍ବତନ ନଗରପାଳ କେଶବ ଭୂତିଆ, ସାମାଜିକ କର୍ମୀ ବଳରାମ ପତି, କ୍ଷୀରୋଦ ସାହୁ, ବିଜେଡି ନଗର ସଭାପତି ଆସିଫ ଖାଁ, ବଜରଙ୍ଗ ଅଗ୍ରୱାଲ, ତପନ ମହାରଣା, ବିରଜା ଶଙ୍କର ମିଶ୍ର, ଭାଗ୍ୟରଥୀ ମହାପାତ୍ର, ବିଘ୍ନେଶ୍ୱର ସାହୁ, ପ୍ରଦୀପ ମହାରଣା, ଅକ୍ଷୟ ମହାରଣା, ଅଭିରାମ ରାଉତ, ସିଟିଜେନର ସଭାପତି ଜିତେନ୍ଦ୍ର ମହାପାତ୍ର, ସୌଭାଗ୍ୟ ମହାରଣା, କଂଗ୍ରେସ ନେତା ଦାଶରଥି ସାହୁ, ସେବାଦଳ ମୁଖ୍ୟ ସୌମ୍ୟ ସଞ୍ଜୀବ ମିଶ୍ର, ନାରୀନେତ୍ରୀ ସସ୍ମିତା ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।


ଗୋପବନ୍ଧୁଙ୍କ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

# ପିଟିସି ପଡ଼ିଆରେ ଡାଇମଣ୍ଡ ସର୍କସ


ଶୋ' ସମ୍ପର୍କରେ ଡାଇମଣ୍ଡ ସର୍କସ ପକ୍ଷରୁ ସୂଚନା ଦିଆଯାଉଛି।

ଅନୁଗୋଳ, ୧୪।୧୦ (ଅମିତ କୁମାର ସାମଲ)

ଦୀର୍ଘବର୍ଷ ପରେ ଅନୁଗୋଳ ସହରକୁ ଫେରିଛି ସର୍କସ। ପିଟିସି ପଡ଼ିଆଠାରେ ଡାଇମଣ୍ଡ ସର୍କସ ପକ୍ଷରୁ ବିଭିନ୍ନ କଳା କୌଶଳ ପ୍ରଦର୍ଶନ ଶନିବାରଠାରୁ ଆରମ୍ଭ ହୋଇଛି। ପାର୍ବଣ ସମୟକୁ ଦୃଷ୍ଟିରେ ରଖି ଦୈନିକ ୩ଟି ଶୋ' କରାଯିବାର ବ୍ୟବସ୍ଥା ହୋଇଛି ବୋଲି ଏମ୍‌ଡି ମହମ୍ମଦ ସମସାଦ କହିଛନ୍ତି। ବିଶେଷକରି ଫାୟର ଶୋ, ରିଙ୍ଗ ଡ୍ୟାନ୍ସ ସହ ଦୁଃସାହସିକ ମୋଟର ସାଇକେଲ ଚାଳନା ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଏମ୍‌ଡି ପ୍ରକାଶ କରିଛନ୍ତି। କୋଲକାତାର ଏହି ଲୋକପ୍ରିୟ ସର୍କସ ପିଟିସି ପଡ଼ିଆରେ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଶୋ' କରିବ ବୋଲି ଏହାର ପରିଚାଳକ ମହମ୍ମଦ ହସନାୟନ ସୂଚନା ଦେଇଛନ୍ତି। ପ୍ରତ୍ୟହ ଅପରାହ୍ନ ୧ଟା, ୪ଟା ଓ ସନ୍ଧ୍ୟା ୭ଟାରେ ଶୋ' କରାଯାଉଛି। ସରକାରଙ୍କ ନିୟମ ଅନୁସାରେ ଏହି ସର୍କସରେ ପ୍ରାଣୀ, ପକ୍ଷୀମାନଙ୍କ ଜରିଆରେ ଖେଳ ପ୍ରଦର୍ଶନ କରାଯାଉ ନାହିଁ। ଏବେ ଆଫ୍ରିକାନ, ମଣିପୁର, ମିଜୋରାମ, ଆସାମ, ପଶ୍ଚିମବଙ୍ଗ ଓ ବହୁ ବିଦେଶୀ କଳାକାରଙ୍କୁ ନେଇ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯାଉଥିବା ପରିଚାଳକ ପ୍ରକାଶ କରିଛନ୍ତି।

# ସରକାରଙ୍କ ବୈମାତୃକ ମନୋଭାବ ଜଣାଇଲା କଂଗ୍ରେସ


ପଦଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି କଂଗ୍ରେସ ନେତା ଓ କର୍ମୀ।

ଛେଣ୍ଡିପଦା, ୧୪।୧୦ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଓଗୀ ପଞ୍ଚାୟତଠାରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶନିବାର 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି କୃତାର୍ଥ ଦେହୁରୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇ ଘର ଘର ବୁଲି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦକ ସସ୍ମିତା ବେହେରା, ଲୋପିତାରାଣୀ ସାହୁ, ଅଳକାରାଣୀ ମହାପାତ୍ର, ତାପସ ପ୍ରଧାନ, ଅଶୋକ ପ୍ରଧାନ, ଜିତେନ କୁମାର ସାହୁ, ପୀତବାସ ଦେହୁରୀ, ଅଭିରାମ ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ଆଇନ ସମ୍ପର୍କରେ ଜାଣିଲେ ଛାତ୍ରୀଛାତ୍ର

ଅନୁଗୋଳ, ୧୪।୧୦ (ଅମିତ କୁମାର ସାମଲ)

ଅନୁଗୋଳ ବ୍ଲକ ଖଲାରୀ ଗ୍ରାମର ରାମେଶ୍ୱର ୟୁଥ୍ କ୍ଲବ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପଞ୍ଚାୟତ ହାଇସ୍କୁଲ ଛେଲିଆପଡା ଠାରେ ପାଳିତ ହୋଇଯାଇଛି। ୟୁଥ୍ କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ କୁମର ମୁଦୁଲି, ସମ୍ମାନିତ ଅତିଥି ଭାବେ ହାଇସ୍କୁଲର ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ ବାଜି ରାଉତ ଛାତ୍ରାବାସ ସମ୍ପାଦକ ଧନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହି ଶିଶୁ କନ୍ୟା ଦିବସ ପାଳନର ମହତ୍ତ୍ୱ, ଶିଶୁ ସୁରକ୍ଷା ଆଇନ ଏବଂ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଲିପିକା ମହାପାତ୍ର ସ୍ୱାଗତ ଭାଷଣ ତଥା ମଞ୍ଚ ପରିଚାଳନା କରିଥିଲା ବେଳେ କ୍ଲବ ସାଦକ ସୁଶୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ ସଦସ୍ୟ ବିଭୀଷଣ ସାହୁ, ଅଭିଷେକ ସାହୁ, ରାକେଶ ରଞ୍ଜନ ସାହୁ, ପ୍ରଶାନ୍ତ ମହାକୁଡ଼, ସତ୍ୟବ୍ରତ ସାମଲ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

## କ୍ରେନ୍ ଅପରେଟରଙ୍କ ମୃତ୍ୟୁ

ଅନୁଗୋଳ, ୧୪।୧୦ (ଅମିତ କୁମାର ସାମଲ)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଞ୍ଚଳର ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ କ୍ରେନ ଅପରେଟରଙ୍କ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ମୃତକ ହେଲେ ଭଦ୍ରକ ଜିଲା ବାସୁଦେବପୁର ଥାନା କଡକିଆରି ଗ୍ରାମର କୈଳାସ ଦାସଙ୍କ ପୁଅ ଶ୍ୟାମସୁନ୍ଦର ଦାସ (୨୫)। ଶୁକ୍ରବାର ସନ୍ଧ୍ୟାରେ କ୍ରେନ ପାଖରେ ସେ କାମ କରୁଥିବା ବେଳେ ଅଚେତ ହୋଇଯାଇଥିଲେ। ଅନ୍ୟ କର୍ମଚାରୀମାନେ ତୁରନ୍ତ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସମ୍ମାନିତ ହେଲେ ମୂର୍ତ୍ତି, ସାଜସଜ୍ଜା କାରିଗର


ବୈଠକରେ ଉପସ୍ଥିତ ବଜାର କମିଟି ଓ ପୂଜା କମିଟି କର୍ମକର୍ତ୍ତାମାନେ।

ତାଳଚେର, ୧୪।୧୦ (ମନୋଜ ନନ୍ଦ)

ତାଳଚେର ଗଣେଶ ପୂଜାର ଫଳାଫଳ ଘୋଷଣା ହେବା ପରେ ରାମଚନ୍ଦ୍ର ବଜାର କମିଟି ପକ୍ଷରୁ ଏକ ବୈଠକ କମିଟି ସଭାପତି ଯଯାତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଗଣେଶ ପୂଜାରେ ମୂର୍ତ୍ତି ଓ ସାଜସଜ୍ଜାରେ ପ୍ରଥମ, ସ୍ୱଚ୍ଛତାରେ ଦ୍ୱିତୀୟ ସ୍ଥାନ ଅଧିକାର ଜରିବାରେ ରାମଚନ୍ଦ୍ର ବଜାର ଗଣେଶ ପୂଜା କମିଟି ସଫଳତା ଅର୍ଜନ କରିଛି। ତେଣୁ ଶ୍ରେଷ୍ଠ ପୂଜା ମଣ୍ଡପ ଭାବେ ରାମଚନ୍ଦ୍ର ବଜାର ପୂଜା କମିଟି ଅନ୍ୟ ସମସ୍ତ ପୂଜା ମଣ୍ଡପକୁ ପଛରେ ପକାଇ ପୁରସ୍କୃତ ହୋଇଥିବାରୁ ରାମଚନ୍ଦ୍ର ବଜାର ପୂଜା କମିଟି ସଭାପତି ଦିଲୀପ ମହାପାତ୍ର, ସାଧାରଣ ସମ୍ପାଦକ ସନ୍ତୋଷ ଅଗ୍ରୱାଲ ଓ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏଥିସହ ଆସନ୍ତା ବର୍ଷ ଗଣେଶ ପୂଜା କିପରି ସୁଚାରୁ ରୂପେ ପାଳନ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ବଜାର କମିଟି ସଦସ୍ୟ ଆର୍ଥିକ ଓ ଶାରୀରିକ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଚଳିତ ବର୍ଷ ଟେଣ୍ଟ ଲାଇଟ, ମୂର୍ତ୍ତି ସାଜସଜ୍ଜା କରିଥିବା କାରିଗରମାନଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ କମିଟି ସଦସ୍ୟ ସୁଧୀର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୫୨୬ ମାମଲାର ଫଇସଲା

ଅନୁଗୋଳ, ୧୪।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ୫୨୬ଟି ମାମଲାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୬ଟି ମୋଟର ଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ୧ କୋଟି ୫୬ଲକ୍ଷ ୪୦ହଜାର ଟଙ୍କାର କ୍ଷତି ପୂରଣ ପ୍ରଦାନ କରାଯାଇଥିଲା। ସେହିଭଳି ୭ଟି ପାରିବାରିକ ବିବାଦ ମାମଲା, ୫୧୩ଟି ରାଜସ୍ୱ ମାମଲା ଆଦିର ଫଇସଲା କରାଯାଇଥିଲା। ଏହି ଜିଲାସ୍ତରୀୟ ଲୋକ ଅଦାଲତରେ ତାଳଚେର ଓ ଆଠମଲ୍ଲିକରେ ଥିବା ଅଦାଲତ, ଅନୁଗୋଳ ଜିଲାର ବିଭିନ୍ନ ତହସିଲ ଅଂଶଗ୍ରହଣ କରିଥିଲା। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅନୁଗୋଳର ଅଧ୍ୟକ୍ଷ ପ୍ରଣବ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଉକ୍ତ ଲୋକ ଅଦାଲତରେ ଅନୁଗୋଳ ଅଦାଲତର ବିଚାରପତିଗଣ, ସରକାରୀ ଓକିଲ, ଅନୁଗୋଳ କୋର୍ଟର ଆଇନଜୀବୀ, କୋର୍ଟ ଓ ଜିଲା ଆଇନସେବା ପ୍ରାଧିକରଣର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ।


ଜିଲାସ୍ତରୀୟ ଲୋକ ଅଦାଲତରେ ମାମଲାଗୁଡ଼ିକର ଫଇସଲା କରାଯାଉଛି।

# ରୟାଲ ଡାଇନାମୋକୁ ହରାଇ ଜୋସ୍ ଟିମ୍ ଚାମ୍ପିୟନ

## ଫୁଟ୍‌ସଲ -୨୦୨୩ ଉଦ୍‌ଯାପିତ

ଅନୁଗୋଳ, ୧୪।୧୦ (ଅମିତ କୁମାର ସାମଲ)

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ଜିନ୍ଦଲ ଅଫିସର୍ସ କ୍ଲବ (ଜେଓସି) ଦ୍ୱାରା ଆୟୋଜିତ ଆନ୍ତଃବିଭାଗୀୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫୁଟସଲ-୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଜୋସ୍ ଦଳ ୧-୦ ଗୋଲରେ ରୟାଲ ଡାଇନାମୋକୁ ହରାଇ ଚାମ୍ପିୟନ୍ ହୋଇଛି। ଜେଏସ୍‌ପି ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ଆଇରନ ମେକିଙ୍ଗ ଏବଂ ପ୍ରୋଜେକ୍ଟର ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ, ଜେଏସ୍‌ପି ପ୍ରେସିଡେଣ୍ଟ ତଥା ଜେଓସି ସାଧାରଣ ସମ୍ପାଦକ ଡି.କେ. ତ୍ରିପାଠୀ ଅତିଥି ଭାବେ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସିଜିପି ବିଭାଗର ଇଡିପି ଏ.ଏନ.ତିୱାରୀ, ଜିନ୍ଦଲ ଅଫିସର୍ସ କ୍ଲବ ସ୍ପୋର୍ଟ୍ସ ସାଧାରଣ ସମ୍ପାଦକ ଆଶିଷ କୁମାର ସିଂହଙ୍କ ସମେତ ଅନେକ ବିଭାଗୀୟ ମୁଖ୍ୟ ଏବଂ ଦର୍ଶକ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ରୟାଲ ଡାଇନାମୋ ଟିମ୍‌ର ବିଷ୍ଣୁ ନନ୍ଦ କୁମାର ସର୍ବାଧିକ ଗୋଲ ସ୍କୋର କରିଥିବାରୁ ତାଙ୍କୁ ସ୍ୱର୍ଣ୍ଣ ବୁଟ୍ ଏବଂ ଜୋସ ଦଳର ଦିବ୍ୟେନ୍ଦୁ ଦାସଙ୍କୁ ସ୍ୱର୍ଣ୍ଣ ଗ୍ଲୋବ୍ ପ୍ରଦାନ କରାଯାଇଥିଲା। ଜୋସ୍ ଦଳର ଭାସ୍କର ହାଲଦାରଙ୍କୁ ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଭାବେ ସ୍ୱର୍ଣ୍ଣ ବଲ ଏବଂ ଝଣ୍ଟୁ ବାରଙ୍କୁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ୫ଶହ ଲିଟର ଦେଶୀ ମଦ ନଷ୍ଟ

ଢେଙ୍କାନାଳ, (ରତନ ନାୟାର): ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୨୫ ହଜାର ଲିଟର ମହୁଲ ପୋଚ ସହିତ ରନ୍ଧା ହୋଇଥିବା ୫୬୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ। ଜବତ ମଦ ଓ ପୋଚକୁ ଜବତ ପରେ ନଷ୍ଟ କରାଯାଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

**ସଂକ୍ଷେପରେ**

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବଇଣ୍ଡା, ୧୪।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କିଶୋରଚନ୍ଦ୍ର ଦାସଙ୍କ ଶନିବାର ତାଙ୍କ ବାସଭବନ ବଇସିଣା ଗ୍ରାମରେ ପରଲୋକ ହୋଇଯାଇଛି। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳର ବ୍ୟବସାୟୀ ଓ ଲକ୍ଷ୍ମୀ ବଜାରର ପ୍ରତିଷ୍ଠାତା ସଦସ୍ୟ ବାଉରୀ ବନ୍ଧୁ ସାହୁ (୯୫)ଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବୋହୂ, ପୁଅ, ନାତୁଣୀ ନାତି ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ଜଣାପଡ଼ିବା ପରେ ଲକ୍ଷ୍ମୀ ବଜାର ଅଞ୍ଚଳର ସମସ୍ତ ଦୋକାନୀ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଶୋକସଭା କରିଥିଲେ। ଶିକ୍ଷକ ଓ ବ୍ୟବସାୟୀଙ୍କ ବିୟୋଗରେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

# ଡାଇରିଆ, ଆଇସୋଲେଶନ ୱାର୍ଡରେ ରୋଗୀ ହନ୍ତସନ୍ତ

### ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଦ୍ୟୁତ୍ ଅବ୍ୟବସ୍ଥା

ଢେଙ୍କାନାଳ, ୧୪।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ଡାଇରିଆ ଓ ଆଇସୋଲେଶନ ୱାର୍ଡରେ ଶନିବାର ବ୍ୟାପକ ବିଦ୍ୟୁତ୍ ଅବ୍ୟବସ୍ଥା ଦେଖାଦେଇଛି। ସକାଳ ୯ଟାରୁ ବିଦ୍ୟୁତ୍ ନ ଥିବାରୁ ଦିନତମାମ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଛି। ଏପରି କି ଶୌଚାଳୟରେ ବ୍ୟବହାର ପାଇଁ ପାଣିର ଅଭାବ ପରିସ୍ଥିତିକୁ ଅଧିକ ବିଗାଡ଼ି ଦେଇଛି। ରାତି ୯ଟା ସୁଦ୍ଧା ବ୍ୟବସ୍ଥାରେ କୌଣସି ସୁଧାର ପରିଲକ୍ଷିତ ହୋଇ ନ ଥିବାରୁ ଏ ନେଇ ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କେବଳ ଡାଇରିଆ ୱାର୍ଡରେ ୩୦ରୁ ଅଧିକ ରୋଗୀ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଜିଲା ମୁଖ୍ୟ ଚିକିତ୍ସାଳୟର ଡାଇରିଆ ଓ ଆଇସୋଲେଶନ ୱାର୍ଡରେ ହଠାତ୍ ସକାଳ ୯ଟାରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। କିଛି ସମୟ ପରେ ଲାଇନ ଆସିଯିବ ବୋଲି ସମସ୍ତେ ଭାବିନେଇଥିଲେ। ହେଲେ ଘଣ୍ଟା ପରେ ଘଣ୍ଟା ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ସେବା ପୁନଃ ଚାଲୁ ହୋଇପାରି ନ ଥିଲା। ୱାର୍ଡ ମଧ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଏ ନେଇ ରୋଗୀ ଓ ସମ୍ପର୍କୀୟମାନେ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ। ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଉଦ୍‌ବେଗ ସମ୍ପର୍କରେ ଜଣାଇଥିଲେ। ହେଲେ ମରାମତି କାମ କରାଯାଉଛି ବୋଲି କୁହାଯାଇଥିଲେ ହେଁ ରାତି ପର୍ଯ୍ୟନ୍ତ ବ୍ୟବସ୍ଥାରେ ସୁଧାର ଆସିପାରି ନ ଥିଲା। ଫଳରେ ରାତି ଅନ୍ଧାରରେ ମଧ୍ୟ ୱାର୍ଡ ମଧ୍ୟରେ ଚିକିତ୍ସା ଜାରି ରହିଥିଲା। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା, ଦିଲୀପ କୁମାର ବିଶ୍ୱାଳ କହିଛନ୍ତି, ବିଦ୍ୟୁତ୍ ବିଭ୍ରାଟ ହୋଇଥିବା ଜାଣିବା ପରେ ଜିଇଡି ପକ୍ଷରୁ ମରାମତି କରାଯାଉଥିଲା। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ କାମ ଶେଷ ହୋଇ ନ ଥିବାରୁ ୟୁପିଏସ୍ ମାଧ୍ୟମରେ କେବଳ ଗୋଟିଏ ଲାଇଟ ୱାର୍ଡ ମଧ୍ୟରେ ଜଳାଯାଇଛି। ରାତିରେ ଜରୁରୀ ଚିକିତ୍ସା ପାଇଁ ଜେନେରେଟର ବ୍ୟବସ୍ଥା ହୋଇଛି। ରବିବାର ମରାମତି କାର୍ଯ୍ୟ କରାଯିବା ପରେ ସେବା ମିଳିପାରିବ। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ଭଳି ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧୨ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ୍ ବିଭ୍ରାଟ ଘଟିବା ଓ ତାହାକୁ ମରାମତି କରାଯାଇ ନ ପାରିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ମେଡିକାଲ ୱାର୍ଡରେ ବିନା ବିଦ୍ୟୁତ୍‌ରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି।

# ଜିଲାସ୍ତରୀୟ ଲୋକ ଅଦାଲତ

ଢେଙ୍କାନାଳ, ୧୪।୧୦(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ଅଦାଲତରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଜଗଦିଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ୍‌କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୦୪୦ଟି ମାମଲାର ଫଇସଲା କରାଯାଇଛି। ସେଥିମଧ୍ୟରୁ ମୋଟର ଦୁର୍ଘଟଣାଜନିତ ୩ଟି, ବିବାହ ଓ ପାରିବାରିକ ମାମଲା ୯ଟି, ଦେୱାନୀ ମାମଲା ୧ଟି, ରାଜସ୍ୱ ମାମଲା ୩୦୨୭ଟି ସମାଧାନ ହୋଇଛି। ଜିଲାସ୍ତରୀୟ ଲୋକ ଅଦାଲତରେ ପାରିବାରିକ ଅଦାଲତର ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦି, ଅତିରିକ୍ତ ଜିଲାଜଜ୍ ଡ. ଜୀବନଜ୍ୟୋତି ରଥ, ବରିଷ୍ଠ ଦେୱାନୀ ବିଚାରପତି ସତରୂପା ଶତପଥୀ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଦ୍ଧିରଞ୍ଜନ ଦାଶ ବିଭିନ୍ନ ଅଦାଲତ ଗୁଡ଼ିକ ପରିଚାଳନା କରିଥିଲେ। ଉକ୍ତ ଅଦାଲତରେ ଅତିରିକ୍ତ ଜିଲାଜଜ୍ ବିକ୍ରମ ପଟ୍ଟନାୟକ, ଅତିରିକ୍ତ ଜିଲାଜଜ୍ ତଥା ପୋକ୍ସ କୋର୍ଟ ଆକାଂକ୍ଷିତା ମିଶ୍ର, ରେଜିଷ୍ଟ୍ରାର ସିଭିଲକୋର୍ଟ ଅଳକାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ମମିତା ସାହୁ ପରିଚାଳନା କରିଥିଲେ। ସିଭିଲକୋର୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଲୋକ ଅଦାଲତରେ ମାମଲା ଗୁଡ଼ିକର ବିଚାର କରାଯାଉଛି।

# ବନାଞ୍ଚଳସ୍ତରୀୟ ଚକ୍ଷୁ ଚିକିତ୍ସା ଶିବିର

କାମାକ୍ଷାନଗର, ୧୪।୧୦(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କୀର୍ତ୍ତନପୁର ସେକ୍ସନ କନ୍ଦରା ବିଟ୍‌ଠାରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବନବିଭାଗ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବନପାଳ ହିମାଂଶୁ ଶେଖର ଟୁଡୁ, ବନରକ୍ଷୀ ପୂର୍ଣ୍ଣିମା ପଣ୍ଡା ଯୋଗ ଦେଇଥିଲେ। ଶିବିରରେ ୧୦୫ ଜଣ ବ୍ୟକ୍ତି ଚକ୍ଷୁ ଚିକିତ୍ସା ପାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ବ୍ୟକ୍ତିଙ୍କୁ ଢେଙ୍କାନାଳସ୍ଥିତ କଳିଙ୍ଗ ହସ୍ପିଟାଲକୁ ମୋତିଆବିନ୍ଦୁ ଚିକିତ୍ସା ନିମନ୍ତେ ନିଆଯାଇଛି। ଜାଇକା ପିଏମ୍‌ଗୋ ସଂସ୍ଥା ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କଳିଙ୍ଗ ଚକ୍ଷୁ ହସ୍ପିଟାଲର କର୍ମଚାରୀମାନେ ସହଯୋଗ କରିଥିଲେ। ବନବିଭାଗ ଅଧିକାରୀଙ୍କ ସମେତ ହସ୍ପିଟାଲର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶିବିରକୁ ଆସିଥିବା ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

# ଟ୍ରକ୍‌ରୁ ଖସିପଡ଼ି ଡ୍ରାଇଭର ମୃତ

ବଇଣ୍ଡା, ୧୪।୧୦(ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ଥାନା ଅନ୍ତର୍ଗତ ଏକ ଢାବା ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରକ୍ ଉପରେ ଶୋଇଥିବାବେଳେ ଖସିପଡ଼ି ଚାଳକ ବିହାର ମିଳିକ ଅଞ୍ଚଳର ସୁଦର୍ଶନ ଯାଦବଙ୍କ ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ନଂ. ୧୨/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ସୁଦର୍ଶନ କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିଲେ। ଏକ ଢାବା ନିକଟରେ ସେ ଟ୍ରକ୍ ରଖି ତା ଉପରେ ଶୋଇଥିବାବେଳେ ନିଦରେ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆଜି ଖେଳାଯିବ ଫାଇନାଲ ମ୍ୟାଚ

### ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ଢେଙ୍କାନାଳ, ୧୪।୧୦(ରତନ ନାୟାର)

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ଠାରେ ଜିଲା ପ୍ରଶାସନ, ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ସ୍ୱର୍ଗତ ଅଧିକାରୀ ସାମଲ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଚାଲିଥିବା ୫ମ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ରବିବାର ଖେଳାଯିବ। ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡ ୧-୦ ଗୋଲରେ କେରଳ ପୋଲିସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଫଳରେ ରବିବାର ତାମିଲନାଡୁ ପୋଲିସ ଓ କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚକୁ ରେଫରି କିଷାନ ଦାସ, ଜ୍ୟୋତି ରଞ୍ଜନ ସାଇଁ, ଶଶିକାନ୍ତ ଦାସିଆ, ଅରୁଣ ନାୟକ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ରିଲାୟନ୍ସ ଟ୍ରେଣ୍ଡର ଜୋନାଲ ବିଜ୍‌ନେସ ହେଡ୍ ବିଶ୍ୱଜିତ ପଣ୍ଡା, ଷ୍ଟେଟ ବିଜନେସ୍ ହେଡ୍ ଆୟୁଷ୍ମାନ ରାୟ, ଦିବ୍ୟ ଜ୍ୟୋତି ପାଣିଗ୍ରାହୀ, ଜୋନାଲ ମାର୍କେଟିଂ ହେଡ୍ ସଚ୍ଚିଦାନନ୍ଦ ସାହୁ ଓ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଅଭିଜିତ ମିଶ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନୀଲ ପଣ୍ଡା, ସୁଶାନ୍ତ ଜେନା ଓ ସରୋଜ କୁମାର ପାଢୀଙ୍କ ସମେତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତାର ସେମିଫାଇନାଲ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

# କେ.ପି. ସିଂହଦେଓଙ୍କୁ ଭୂମିପୁତ୍ର ସମ୍ମାନ

ଢେଙ୍କାନାଳ, ୧୪।୧୦(ରତନ ନାୟାର)

ଢେଙ୍କାନାଳ ଜିଲା ଭୁବନ ପୂଜ୍ୟପୂଜା ତଥା ଆଞ୍ଚଳିକ ସାହିତ୍ୟ କଳା ସେବା ପରିଷଦ ପକ୍ଷରୁ ଶନିବାର ଢେଙ୍କାନାଳ ରାଜବାଟି ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜା କାମାକ୍ଷା ପ୍ରସାଦ ସିଂହଦେଓଙ୍କୁ ସାର୍ବଜନୀନ କୃତି ପାଇଁ ଭୂମିପୁତ୍ର ସମ୍ମାନ ପ୍ରଦାନ କରାଯାଇଛି। ସିଂହଦେଓ କେନ୍ଦ୍ରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଥିବାବେଳେ ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦୂରଦର୍ଶନ ମାଧ୍ୟମରେ ସିଧାପ୍ରସାରଣ କରି ଓଡ଼ିଶାର ପରିଚୟକୁ ଋଦ୍ଧିମନ୍ତ କରିଥିଲେ ବୋଲି ଅନୁଷ୍ଠାନର ସଦସ୍ୟମାନେ କହିଥିଲେ। ସେହିପରି ସେ କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ହୋଇଥିବା ଅନ୍ୟାନ୍ୟ ଉନ୍ନତମୂଳକ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସିଂହଦେଓଙ୍କ ଏହି ସାର୍ବଜନୀନ କୃତି ପାଇଁ ଅନୁଷ୍ଠାନ ପକ୍ଷରୁ ଆର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ସାମଲ, ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, କୋଷାଧ୍ୟକ୍ଷ ବିଳାସିନୀ ପୃଷ୍ଟି, ରବୀନ୍ଦ୍ର କୁମାର ସାହୁ, ପ୍ରଦ୍ୟୁମ୍ନ ରଥ, ବିପ୍ରବର ସାହୁ, ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ କୁମାର ମିଶ୍ର, ଯାଉଁଳି ପୋଖରୀ ମଠ ମହନ୍ତ ସାଧୁ ବ୍ରହ୍ମାନନ୍ଦ ଦାସ ମହାରାଜ ପ୍ରମୁଖଙ୍କ ଉପସ୍ଥିତି ସିଂହଦେଓଙ୍କୁ ବୈଦିକ ରୀତିରେ ସମ୍ବର୍ଦ୍ଧିତ କରାଯାଇଥିଲା।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜା କାମାକ୍ଷା ପ୍ରସାଦ ସିଂହଦେଓଙ୍କୁ ଭୂମିପୁତ୍ର ସମ୍ମାନ ପ୍ରଦାନ କରାଯାଉଛି।

# ନିଖୋଜ ମହିଳାଙ୍କ ମୃତଦେହ କୂଅରୁ ଜବତ

ସାତମାଇଲ, ୧୪।୧୦
(ସୁଶାନ୍ତ କୁମାର ପତି)

### ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅସରଡ଼ା ଗ୍ରାମର ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହ ଶନିବାର ପୋଲିସ କୂଅରୁ ଜବତ କରିଛି। ମୃତ ମହିଳା ହେଲେ ସ୍ୱାଗତିକା ସାହୁ। ସ୍ୱାଗତିକାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ନିର୍ଯ୍ୟାତନା ଦେଇ ହତ୍ୟା କରିଥିବା ତାଙ୍କ ଭାଇ ସୁନୀଲ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୮୪ /୨୩ ରେ ଏକ ମାମଲା ରୁଜୁ କରି ଶ୍ୱଶୁର ପ୍ରଫୁଲ୍ଲ ସାହୁ, ଦିଅର ବିଷ୍ଣୁ ସାହୁ ଓ ନଣନ୍ଦ ଲିଜା ସାହୁଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ କହିଛି, ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ଗଇଲୋ ଗ୍ରାମର ମନମୋହନ ସାହୁଙ୍କ ଝିଅ ସ୍ୱାଗତିକା ୯ ବର୍ଷ ହେବ ବାଲିମୀ ଥାନା ଅସରଡ଼ା ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ଦିପୁ ସାହୁଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ସ୍ୱାମୀ ଦିପୁ ସାହୁ, ଦିଅର ବିଷ୍ଣୁ ସାହୁ, ଶ୍ୱଶୁର ପ୍ରଫୁଲ୍ଲ ସାହୁ ଓ ନଣନ୍ଦ ପ୍ରତିଭା (ଲିଜା)ସାହୁ ଅଧିକ ଯୌତୁକ ଦାବି କରି ସ୍ୱାଗତିକାଙ୍କୁ ନିର୍ଯ୍ୟାତନା ଦେଇ ଆସୁଥିଲେ। ଗତ ଗୁରୁବାର ସ୍ୱାଗତିକା କେଉଁଆଡେ ଚାଲି ଯାଇଥିବା ଶ୍ୱଶୁର ପ୍ରଫୁଲ୍ଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ସ୍ୱାଗତିକାଙ୍କ ଫୋନ୍ ଟ୍ରାକ୍ କରି ସେ ଆଖପାଖରେ ଥିବା ଜାଣିବାକୁ ପାଇଥିଲା। ତଦନ୍ତ ସମୟରେ କୂଅ ନିକଟରେ ସ୍ୱାଗତିକାଙ୍କ ଚପଲ ପଡ଼ିଥିବା ଦେଖି ପୋଲିସର ସନ୍ଦେହ ହୋଇଥିଲା। କୂଅ ଉପରେ ଥିବା ଆଜବେଷ୍ଟସ୍ ଘୋଡଣି କାଢି ଦମକଳ ବାହିନୀ ସହାୟତାରେ ପୋଲିସ ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନା ପଠାଇ ଦିଆଯାଇଛି। ଖୁବ୍‌ଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବାଲିମୀ ଥାନାଧିକାରୀ ଅମିତ୍ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ପ୍ରଦାନ

ଢେଙ୍କାନାଳ, ୧୪।୧୦
(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳସ୍ଥିତ ପୋଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ପିଲାମାନଙ୍କ ପାଠପଢ଼ା ବିଷୟରେ ବୁଝିବା ସହିତ ଶ୍ରେଣୀଗୃହ ଅବସ୍ଥା ପଚାରି ବୁଝିଥିଲେ। ପରେ ଏସ୍‌ପି ଛାତ୍ରୀଛାତ୍ରମାନଙ୍କୁ ନୂଆ ପରିଚୟପତ୍ର ପ୍ରଦାନ କରିଥିଲେ। ଉକ୍ତ ପରିଚୟପତ୍ରରେ ଛାତ୍ରୀଛାତ୍ରଙ୍କ ନାମ, ଠିକଣା ସହ ଆଧାର ନମ୍ବର ଓ ବ୍ଲଡ୍ ଗ୍ରୁପ୍ ଆଦି ଲେଖାଯାଇଛି। ପରୀକ୍ଷା ପାଇଁ ଏସ୍‌ପି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଖୁବ୍‌ଶୀଘ୍ର ବିଦ୍ୟାଳୟର ଉନ୍ନତୀକରଣ କରାଯିବ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର, ସ୍ନେହପ୍ରଭା ସାହୁ, ପରିଚାଳନା କମିଟି ଉପସଭାପତି ପତିତପାବନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ଛାତ୍ରୀଛାତ୍ରମାନଙ୍କୁ ଢେଙ୍କାନାଳ ଏସ୍‌ପି ପରିଚୟପତ୍ର ପ୍ରଦାନ କରୁଛନ୍ତି।

# ପଦଯାତ୍ରାରେ ସାଇବର ସଚେତନତା ବାର୍ତ୍ତା

ଢେଙ୍କାନାଳ, ୧୪।୧୦
(ରତନ ନାୟାର)

ଢେଙ୍କାନାଳ ସହରର ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ସାଇବର ସୁରକ୍ଷା ଅଭିଯାନକୁ ନେଇ ଏକ ସଚେତନତା ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଗାନ୍ଧୀ ପାର୍କଠାରୁ ଏହି ପଦଯାତ୍ରା ବାହାରି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅକ୍ଷୀକ୍ଷକ ଜ୍ଞାନ ରଞ୍ଜନ ମହାପାତ୍ର ଅଧ୍ୟକ୍ଷତା କରି ସାଇବର ସୁରକ୍ଷା ଉପରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। କିପରି ଅନ୍‌ଲାଇନ ନେଣଦେଣ, ଭିଡିଓକଲ ମାଧ୍ୟମରେ ଲୋକମାନେ ସାଇବର ଠକାମିର ଶିକାର ହେଉଛନ୍ତି ଏବଂ ସେଥିରୁ କିପରି ରକ୍ଷା ପାଇହେବ ସେ ବିଷୟରେ ଲୋକଙ୍କୁ ସଚେତନ କରାଇଥିଲେ। ଲୋକମାନଙ୍କୁ ସଚେତନ କରିବା ପାଇଁ ସମଗ୍ର ଜିଲାସ୍ତରରେ ସାଇବର ରଥ ପରିକ୍ରମା କରୁଛି। ଏହାସହିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ମଧ୍ୟ ଲୋକଙ୍କୁ ସଚେତନ କରାଯାଉଛି। ସାଇବର ଠକାମିର ଶିକାର ହେଉଥିବା ଲୋକମାନେ ତୁରନ୍ତ ୧୯୩୦ ହେଲ୍ପ ଲାଇନ ନମ୍ବରରେ ଯୋଗାଯୋଗ କରିବାକୁ ଆରକ୍ଷୀ ଅଧୀକ୍ଷକ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ କୁଇଜ ପ୍ରତିଯୋଗିତା ଏବଂ ନାଟକ ପ୍ରଦର୍ଶିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା, ଜିଲାପରିଷଦ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲୀପ କୁମାର ବିଶ୍ୱାଳ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ରହିଥିଲେ।



ପଦଯାତ୍ରାରେ ସାମିଲ ଥିବା ଢେଙ୍କାନାଳର ବରିଷ୍ଠ ନାଗରିକମାନେ।

**ବାର୍‌ହା ମାଂସ ଜବତ, ୫ ଶିକାରୀ ଗିରଫ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ରେଞ୍ଜ ପିଙ୍ଗୁଆ ପଞ୍ଚାୟତ ଗୋଠତଳ ଗ୍ରାମରେ ଶୁକ୍ରବାର ବାର୍‌ହା ମାଂସ ବିକ୍ରି କରାଯାଉଥିବାବେଳେ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ଚଢ଼ାଉ କରି ତାହାକୁ ଜବତ କରିଥିଲେ। ଏଥିସହ ୫ ଜଣ ଶିକାରୀଙ୍କୁ ମଧ ଗିରଫ କରିଥିଲେ। ଗିରଫ ଶିକାରୀମାନେ ହେଲେ ନେହେଙ୍ଗରା ଗ୍ରାମର ବେହେରା ହେମ୍ବ୍ରମ, ଗୋଠତଳ ଗ୍ରାମର ବିପିସିଂ ମାଲସାଣ୍ଡି, ବୁଧୁରାମ ଚାଓର, ମିଛ ପଧାନ, ଯାଜପୁର ଜିଲା ନିମତିହି ଗ୍ରାମର ସୁର ତିରିଆ। ଷଡ଼ଙ୍ଗୀ ରେଞ୍ଜର ଅସିତ କୁମାର ନାୟକ, ଫରେଷ୍ଟର ଉଦ୍ଧବ ବେହେରା ଚଢ଼ାଉ କରି ମାଂସ ଜବତ କରିବା ସହ ଶିକାରୀଙ୍କୁ ଗିରଫ କରିଥିଲେ।

## ସଂକ୍ଷେପରେ

### ନୂଆ ଆଇଆଇସିଙ୍କ ଯୋଗଦାନ

କଣିହାଁ,୧୪।୧୦ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ସମଲ ଥାନାରେ ଶୁକ୍ରବାର ନୂତନ ଆଇଆଇସି ଭାବେ ଦିଲୀପ ଲାକ୍ରା ଯୋଗଦାନ କରିଛନ୍ତି। ଅନୁଗୋଳ ଜିଲା ପୋଲିସ ମୁଖ୍ୟାଳୟରେ ସେ କାର୍ଯ୍ୟରତ ଥିଲେ। ୩ ମାସ ହେଲା ସମଲ ଥାନାରେ ଆଇଆଇସି ପଦବୀ ଖାଲି ରହିଥିଲା। ଏସ୍‌ଆଇ ରଘୁନାଥ ମୁଣ୍ଡା ଆଇଆଇସି ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ନୂତନ ଆଇଆଇସି ଲାକ୍ରା ଯୋଗଦାନ କରିବା ପରେ ଏସ୍‌ଆଇ ମୁଣ୍ଡା ଦାୟିତ୍ୱଭାର ହସ୍ତାନ୍ତର କରିଛନ୍ତି। ନୂଆ ଆଇଆଇସି ଲାକ୍ରା କହିଛନ୍ତି, ସମଲ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ସହିତ ଜନସାଧାରଣ କିପରି ସୁରକ୍ଷିତ ରହିବେ ତାହା ଉପରେ ଗୁରୁତ୍ୱ ଦିଆଯିବ।



# ଠିକା ନିଯୁକ୍ତି, ପଞ୍ଚାୟତର ସମସ୍ୟା ନେଇ ଆନ୍ଦୋଳନ



ପ୍ଲାଣ୍ଟ ସମ୍ମୁଖରେ ସନ୍ଥପଡ଼ା ପଞ୍ଚାୟତର ଯୁବତୀ ଯୁବକମାନେ ଆନ୍ଦୋଳନ କରୁଛନ୍ତି।

ତାଳଚେର,୧୪।୧୦ (ମନୋଜ ନନ୍ଦ)

ତାଳଚେର ବ୍ଲକ ସନ୍ଥପଡ଼ା ପଞ୍ଚାୟତର ଯୁବତୀ ଯୁବକମାନେ ଶନିବାର ବିଭିନ୍ନ ଦାବି ନେଇ ଥର୍ମାଲ ପ୍ଲାଣ୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଠିକା ନିଯୁକ୍ତି ସହ ପଞ୍ଚାୟତର ରାସ୍ତା, ପାଣି, ବିଦ୍ୟୁତୀକରଣ, ଡ୍ରେନ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ମୌଳିକ ସମସ୍ୟାର ସମାଧାନ ପାଇଁ ସେମାନେ ଦାବି କରିଛନ୍ତି। ଆନ୍ଦୋଳନକାରୀ କହିଛନ୍ତି, ଏନ୍‌ଏଚ୍ ୧୪୯ ଠାରୁ ସନ୍ଥପଡ଼ା ଆଶପଣ୍ଡ ପର୍ଯ୍ୟନ୍ତ ସିସିରୋଡ୍ ଏବଂ ଉଭୟ ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା ସହ ବିଭିନ୍ନ ଦାବି ନେଇ ବାରମ୍ବାର ଜିଲା ପ୍ରଶାସନ ଓ ଏନ୍‌ଟିପିସି ଟିଟିପିଏସ୍‌ର ଇଡିଙ୍କୁ ଦାବିପତ୍ର ପ୍ରଦାନ ସହ ଆଲୋଚନା କରାଯାଇଛି। କିନ୍ତୁ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ତୁରନ୍ତ ଦାବି ପୂରଣ କରାଯିବା ପାଇଁ ପ୍ଲାଣ୍ଟ ଗେଟ୍ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ତେବେ ମଧ୍ୟାହ୍ନରେ ତାଳଚେର ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୫ରୁ ୨୦ ଦିନ ମଧ୍ୟରେ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଏକ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ କୈଳାସ ମହାନ୍ତି, ଲାଲା ମହାନ୍ତି, ଶେଷ ସାମଲ, ରାଜେଶ ସାମଲ, ସୋମନାଥ ସାମଲ, ଅଶାନ୍ତି ସାମଲ, ଯୁଗି ସାମଲ, ମଦନମୋହନପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ମୃତ ବାର୍‌ହା ଜବତ, ଶିକାରୀ ଗିରଫ

ବଇଣ୍ଡା,୧୪।୧୦(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜର ସାପଘରା ଜଙ୍ଗଲରୁ ବାର୍‌ହା ଶିକାର କରିବା ଅଭିଯୋଗରେ ଶନିବାର ସାପଘରା ଅଞ୍ଚଳର ଶିକାରୀ ପଙ୍କଜ ନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏକ ମୃତ ବାର୍‌ହା, ଶିକାରରେ ବ୍ୟବହୃତ ତାର, ଟାଙ୍ଗିଆ ଜବତ କରାଯାଇଛି। ଘଟଣାରୁ ଜଣାପଡ଼ିଛି, ପଙ୍କଜ ଶୁକ୍ରବାର ରାତିରେ ନିକଟସ୍ଥ ଜଙ୍ଗଲରୁ ଏକ ବାର୍‌ହା ଶିକାର କରିଥିଲେ। ଖବରପାଇ ରେଞ୍ଜର ବବ୍ରୁବାହାନ ସାହୁଙ୍କ ସହ ଏକ ଟିମ୍ ଚଢ଼ାଉ କରି ଗିରଫ କରିବା ସହ ମୃତ ବାରହାକୁ ଜବତ କରିଥିଲେ।



# ପୁରୁଣା ଉପରେ ନୂଆ ନିର୍ମାଣକୁ ବିରୋଧ



ବଇଣ୍ଡା,୧୪।୧୦(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଶରଧାମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ନିର୍ମାଣ ହେଉଥିବା ପାଚେରି କାର୍ଯ୍ୟ ଅତିନିମ୍ନମାନର ହେଉଥିବା ଅଭିଯୋଗ କରି ଗ୍ରାମବାସୀ ଏହାର ବିରୋଧ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଏହି ବିଦ୍ୟାଳୟ ଉଚ୍ଛେଦ ହୋଇଥିବାବେଳେ ନୂତନ ବିଦ୍ୟାଳୟ ନିର୍ମାଣ କରାଯାଇଛି। ଏବେ ଠିକାସଂସ୍ଥା ପକ୍ଷରୁ ପାଚେରି ନିର୍ମାଣ କରାଯାଉଛି। କିଛିଦିନ ହେବ ପାଚେରି ନିର୍ମାଣ କରାଯାଉଥିବାବେଳେ ସେଥିରେ ଆବଶ୍ୟକ ପରିମାଣର ସିମେଣ୍ଟ ବ୍ୟବହାର କରାଯାଉନାହିଁ। ଶନିବାର ଠିକା ସଂସ୍ଥା ପୁରୁଣା ପାଚେରି ଉପରେ ନୂଆ ପାଚେରି ନିର୍ମାଣ କରିଛି। ତଳୁ ଫାଉଣ୍ଡେଶନ ପକାଇ ପାଚେରି ନିର୍ମାଣ କରିବାର ନିୟମ ଥିବାବେଳେ ଠିକାସଂସ୍ଥା ପୁରୁଣା ପାଚେରି ଉପରେ ନୂଆ ପାଚେରି ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ଏପରି କି ଉକ୍ତ କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠଯନ୍ତ୍ରୀ କିମ୍ବା ଶିକ୍ଷା ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଛି। ଶନିବାର ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ତୁରନ୍ତ ଉକ୍ତ କାମ ବନ୍ଦ କରି ତଳୁ ଫାଉଣ୍ଡେଶନ ପକାଇ ନୂତନ ନୂଆ ପାଚେରି ନିର୍ମାଣ କରିବା ପାଇଁ ଶରଧାମୁଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଠିକାସଂସ୍ଥା ପରିଚାଳକ ଜେ. ବେହେରାଙ୍କୁ ପଚାରିବାରୁ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ଭାଜପାର ପ୍ରତିବାଦ ସଭା, ବିକ୍ଷୋଭ

ଅନୁଗୋଳ,୧୪।୧୦ (ଅମିତ କୁମାର ସାମଲ)

ରାଜ୍ୟ ସରକାର ଦୁର୍ନୀତି, ଭ୍ରଷ୍ଟାଚାର କରୁଥିବା ଅଭିଯୋଗ କରି ଅନୁଗୋଳ ବାରଗୌଣିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ହାତୀ ଆକ୍ରମଣ ଓ ଉପଦ୍ରବ ଯୋଗୁ ଧନ ଜୀବନ ନଷ୍ଟ ହେବା ନେଇ ଭାଜପା ନେତା ପ୍ରଧାନ ଉଦ୍‌ବେଗ ପ୍ରକାଶ କରିବା ସହ ବିଜେଡି ସରକାର ନୀରବ ଦ୍ରଷ୍ଟା ସାଜିଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାନସଭା ପ୍ରଭାରୀ ଯଯାତି ପଟ୍ଟନାୟକ, ଅନୁଗୋଳ ବିଧାନସଭା ସଂଯୋଜକ ଦିଲୀପ ଦାସ, ଜିଲା ସମ୍ପାଦକ ପ୍ରଭାତ ପ୍ରଧାନ, ବାରଗୌଣିଆ ପଞ୍ଚାୟତର ଭାଜପା ସଭାପତି ଅଶୋକ ପ୍ରଧାନ, ପୂର୍ବତନ ସରପଞ୍ଚ ସୌରାଷ୍ଟ୍ର ସାହୁ, ବନ୍ତଳା ମଣ୍ଡଳ ମହିଳା ସଭାପତି ଯଶୋବନ୍ତୀ ପ୍ରଧାନ, ସଞ୍ଜୁକ୍ତା ପ୍ରଧାନ, ସନ୍ତୋଷ ପ୍ରଧାନ, ସୁଶାନ୍ତ ପ୍ରଧାନ ଓ ପ୍ରଶାନ୍ତ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା, ମହିଳା ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାର ମୁଖ୍ୟ କାରଣ ସମ୍ପର୍କରେ ଆଲୋଚନା

ଅନୁଗୋଳ,୧୪।୧୦ (ଅମିତ କୁମାର ସାମଲ)


ସଡ଼କ ସୁରକ୍ଷା ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚଳିତ ମାସର ସଡ଼କ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ଦୁର୍ଘଟଣା ଜନିତ ମୁଖ୍ୟ କାରଣ ଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ରାସ୍ତା ଦୁରବସ୍ଥା, ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥା ହେବା, ନିଶା ଖାଇ ଗାଡ଼ି ଚଳାଇବା, ବିନା ହେଲମେଟରେ ଗାଡ଼ି ଚଳାଇବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ପଞ୍ଚମହଲା ଛକ ଦୁର୍ଘଟଣାର ଏକ କେନ୍ଦ୍ର ପାଲଟି ଯାଇଥିବାରୁ, ସେଠାରେ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲାରେ ଗତ ସେପ୍ଟେମ୍ବରରେ ମୋଟ ୨୮ଟି ଦୁର୍ଘଟଣା ଘଟିଥିବା ବେଳେ, ସେଥିରୁ ରାଷ୍ଟ୍ରୀୟ ରାଜମାର୍ଗ ୫୫ରେ ୧୬ ଗୋଟି ଦୁର୍ଘଟଣା ଘଟିଛି। ରାଷ୍ଟ୍ରୀୟ ରାଜମାର୍ଗ ଢେଙ୍କାନାଳ ଶାଖା ଅଧିକାରୀଙ୍କୁ ଏଫ୍‌ସିଆଇ ଛକ, କୁଲାଡ଼ ଓ ହୁଲୁରିସିଂହା ଠାରୁ ଆଞ୍ଚଳିକ ପରିବହନ କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା ମରାମତି କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସେପ୍ଟେମ୍ବରରେ ଜିଲାରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ୧୧ ହୋଇଥିବା ବେଳେ ଆହତ ସଂଖ୍ୟା ୧୨ ହୋଇଥିବା ବୈଠକରୁ ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାଜଗୁରୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାନନ୍ଦ ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକ, ରାଷ୍ଟ୍ରୀୟ ରାଜମାର୍ଗ ଢେଙ୍କାନାଳ ଶାଖାର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସତ୍ୟବାନ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଅବକାରୀ ଚଢ଼ାଉ, ୫ ଗିରଫ

ବଇଣ୍ଡା,୧୪।୧୦(ପରିକ୍ଷିତ ସାହୁ)

ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶନିବାର ଠାକୁରଗଡ଼ ଓ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଠାକୁରଗଡ଼ ଥାନା ସଦାନନ୍ଦପୁର ଗ୍ରାମର ମଞ୍ଜୁଲତା ନାୟକ, ଘଣାଯୋଡି ଗ୍ରାମର ଟୁନି ସାହୁ, ରାଜିଙ୍ଗ ଗ୍ରାମର ଟୁମିକି ମିର୍ଦ୍ଧା, ହଣ୍ଡପା ଥାନା ଦାଦରସାହି ଗ୍ରାମର ସୁଫଳା ପ୍ରଧାନ, କଦଳୀମୁଣ୍ଡା ଗ୍ରାମର ରାମଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉ କରିଥିଲେ।


ଅବକାରୀ କର୍ମଚାରୀଙ୍କ ସହ ଗିରଫ ହୋଇଥିବା ୩ ଅଭିଯୁକ୍ତ ମହିଳା।

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସାଇବର ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କଣିହାଁ, ୧୪।୧୦(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ କଣିହାଁ ଥାନା, ଏନ୍‌ଟିପିସି ଥାନା ଓ ରେଙ୍ଗାଲି ଥାନା ତରଫରୁ ଶୁକ୍ରବାର ସାଇବର ଠକେଇ ଓ ଅପରାଧରୁ କିପରି ଜନସାଧାରଣ ସୁରକ୍ଷିତ ରହିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଟିପିସି ଥାନା ପକ୍ଷରୁ ବିଜୁଗୋଳ ସରକାରୀ ଉଚ୍ଚବିଦ୍ୟାଳୟ ଏବଂ କଣିହାଁ ଥାନା ପକ୍ଷରୁ କଣିହାଁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଠାରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଅତିଥିଭାବେ ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ଜିଲା ସାଇବର ଥାନା ଅଧିକାରୀ ବିଭୂତି ଭୂଷଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲାପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ବିଡିଓ ଦେବଦତ୍ତ ପ୍ରଧାନ, ଏବିଡିଓ ହିମାଂଶୁ କୁମାର ନାୟକ, କଣିହାଁ ଯୁକ୍ତ ୨ ଅଧ୍ୟକ୍ଷ ମଦନ ମୋହନ ମହାନ୍ତି, କଣିହାଁ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଦୀପ ପ୍ରଧାନ, କଣିହାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦାଶରଥି ଜେନା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବିଜୁଗୋଳ ପ୍ରଧାନ ଶିକ୍ଷୟିତ୍ରୀ ସୀମା ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଅନ୍‌ଲାଇନରେ ଠକେଇ ସହିତ ସାଇବର ଅପରାଧ ବଢୁଥିବାରୁ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ତାହା ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ରେଙ୍ଗାଲି ଥାନା ଅଧିକାରୀ ନରେଶ କୁମାର ସାହୁ, ଏନ୍‌ଟିପିସି ଥାନା ଭାରପ୍ରାପ୍ତ ଅଧିକାରୀ ପବିତ୍ର କୁମାର ମହାରଣା, କଣିହାଁ ଥାନା ଭାରପ୍ରାପ୍ତ ଅଧିକାରୀ ଅରୁଣ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନେକ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଜନପ୍ରତିନିଧିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ସଚେତନତା ରଥକୁ କଣିହାଁ ଥାନାଠାରୁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ସେହିପରି ଅପରାହ୍ନରେ ରେଙ୍ଗାଲି ଥାନା ଲକ୍ଷ୍ମୀ ବଜାର ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

କଣିହାଁ, ୧୪।୧୦
(ସଚ୍ଚିଦାନନ୍ଦ ପ୍ରଧାନ)

ପାଲଲହଡା ନିର୍ବାଚନମଣ୍ଡଳୀ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ରକ୍ତଦାନ ଶିବିର ହନୁମାନପୁର ଝରାବେରେଣି କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଉପସଭାପତି ନୃସିଂହ ବରାଳ, ନିର୍ବାଚନମଣ୍ଡଳୀ ପ୍ରଭାରୀ ବିଜୟ ମାଝି, ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ, ହନୁମାନପୁର ସରପଞ୍ଚ ଲିପିକା ପ୍ରଧାନ, ସମିତି ସଭ୍ୟା ନମିତା ସାହୁ, ପୂର୍ବତନ ସରପଞ୍ଚ ବିନୟ ପ୍ରଧାନ, ଜିଲା କମିଟି ସଭ୍ୟ ସୁମନ୍ତ ପ୍ରଧାନ, ଆଡଭୋକେଟ ପରମା ବିଳାସ ଯୋଗ ଦେଇଥିଲେ। ଯୁବମୋର୍ଚ୍ଚା ଜିଲା ସମ୍ପାଦକ ହରେକୃଷ୍ଣ ପ୍ରଧାନ, ବୁଲୁ ସାହୁ, ପଦ୍ମଲୋଚନ ନାୟକ, ଲିପୁ ପ୍ରଧାନ, ଟିକନ ମହାନ୍ତି, ପ୍ରଶାନ୍ତ ସେଠୀ, ଶିଲୁ ସାହୁ, ଦୁଷ୍ମନ୍ତ ସାହୁ, ଜିତୁ ମହାନ୍ତି, ବିକଳ ସାହୁ, ସନାତନ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଅନୁଗୋଳ ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ମେଧାବୃତ୍ତି ଆବେଦନ ନେଇ ସଚେତନତା

କଣିହାଁ,୧୪।୧୦(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରେ ଶୁକ୍ରବାର ଅନୁଗୋଳ କେନ୍ଦୁପତ୍ର ବନଖଣ୍ଡ ତରଫରୁ ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ପାଇବା ପାଇଁ ଆବେଦନ ପ୍ରକ୍ରିୟା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନବମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରଙ୍କ ସହିତ ତଦୁର୍ଦ୍ଧ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟୟନରତ ବିଦ୍ୟାର୍ଥୀ କିପରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମେଧାବୃତ୍ତି ପାଇପାରିବେ ତା ଉପରେ ଶିକ୍ଷଣୀୟ ପରାମର୍ଶ ଦିଆଯାଇଥିଲା। ବ୍ଲକର ବଡହୀରା, ସାନତ୍ରିବିଡା, ବଡଗୁଣ୍ଡୁରୀ, ମହିନୀପାଳ, ବାଲିପଟା, ଘଣ୍ଟିଆନାଳୀ, ଦଲକବେଡା ଆଦି ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଣ୍ଡିୟ ବନଅଧିକାରୀ ଫରେଷ୍ଟର ତନ୍ମୟ ଦାସ, କୁଞ୍ଜ ବିହାରୀ ନାୟକ, କଣିହାଁ ସେକ୍ସନର କର୍ମଚାରୀ ଶ୍ରୀକର ସାହୁ, ଦୁର୍ଯ୍ୟୋଧନ ରାଉଳ, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। ନଭେମ୍ବର ୧୫ ତାରିଖ ମଧ୍ୟରେ ଜନସେବା କେନ୍ଦ୍ର କିମ୍ବା ଅନ୍‌ଲାଇନ କମ୍ପ୍ୟୁଟର କେନ୍ଦ୍ରକୁ ଯାଇ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରି ରାଜ୍ୟ ସରକାରଙ୍କ ପୋର୍ଟାଲରେ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା।


କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି।

# ସାପ କାମୁଡ଼ା ରୋଗୀଙ୍କୁ ତୁରନ୍ତ ମେଡିକାଲରେ ପହଞ୍ଚାଅ



ନୂଆଗାଁ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ସାପକାମୁଡ଼ା ପ୍ରତିରୋଧ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଅନୁଗୋଳ, ୧୪।୧୦ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଛେଣ୍ଡିପଦାର ସାମାଜିକ ଅନୁଷ୍ଠାନ ଜାଗୃତି ପରିବାର ଏବଂ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ନୂଆଗାଁ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ସାପକାମୁଡ଼ା ପ୍ରତିରୋଧ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସାଧୁଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଗୋଳର ସର୍ପମିତ୍ର ଆଦିତ୍ୟ ବେହେରା ଅତିଥି ଭାବେ ଯୋଗଦେଇ ସାପର ପ୍ରକାର ଭେଦ, ପରିବେଶ ଓ ମାନବ ସମାଜ ପାଇଁ ସାପର ଅବଦାନ, ପ୍ରାକୃତିକ ଆବାସସ୍ଥଳୀ, ବିଷଧର ସାପ କାମୁଡାର ଲକ୍ଷଣ ଓ ପ୍ରାଥମିକ ଚିକିତ୍ସା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବର୍ଷା ଦିନେ ଘର ଚାରିପାଖ ସଫାସୁତରା ରଖିବା, ରାତିରେ ଟର୍ଚ୍ଚ ଏବଂ ମଶାରି ବ୍ୟବହାର ପାଇଁ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଶ୍ୱନାଥ ପୃଷ୍ଟି, ବୃନ୍ଦାବନ ପ୍ରଧାନ, ଗୋପାଳ ଚନ୍ଦ୍ର ସାହୁ, ହେମନ୍ତ କୁମାର ପ୍ରଧାନ ଓ ସୁଜିତ କୁମାର ସାହୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସାପ କାମୁଡ଼ିଲେ ଆଦୌ ଭୟଭୀତ ନ ହୋଇ କିମ୍ବା ଗୁଣି ଗାରେଡିର ବଶବର୍ତ୍ତୀ ନ ହୋଇ ପୀଡିତଙ୍କୁ ତୁରନ୍ତ ଡାକ୍ତରଖାନା ନେବାକୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଶେଷରେ ଜାଗୃତି ପରିବାର ସଭାପତି ଅଜିତ୍ କୁମାର ସାହୁ, ସାଥୀ ପରିବାରର ପିଣ୍ଟୁ ବେହେରା ଓ ରାଜେଶ ରଞ୍ଜନ ସାହୁ, ଛାତ୍ରୀଛାତ୍ରଙ୍କ ସହ ଖୋଲା ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ କରିଥିଲେ। ଅନୁଷ୍ଠାନର ଟିକେଇ ସାହୁ, ସନାତନ ମାଝି, ସୁନୀଲ କୁମାର ଗଡ଼ନାୟକ, ବିଭୂତି ଭୂଷଣ ସାହୁ, ପୀତବାସ ସାହୁ, ସୌଭାଗ୍ୟ ସାହୁ, ସିପୁନ ସାହୁ, ତ୍ରିଲୋଚନ ସାହୁ, ପିକୁନ ଦେହୁରୀ, ଦଶରଥ ବିଶ୍ୱାଳ, ସୁଧୀର ପ୍ରଧାନ, ରଜତ କୁମାର ସାହୁ ଓ ବାପୁଜୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

